

୧୩ଶ ଅଧ୍ୟାୟ

# ନୃତ୍ୟ ମାଧ୍ୟମରେ ପ୍ରତିବନ୍ଧକ ଭାଙ୍ଗିବା

0680CH13

ନୃତ୍ୟରେ ବେଳେବେଳେ ଲିଙ୍ଗ ନିର୍ବିଶେଷରେ ଜଣେ ନୃତ୍ୟଶିଳ୍ପୀ ଏକ ଚରିତ୍ର ପରିବେଷଣ କରିଥାନ୍ତି । ନୃତ୍ୟର ଅନେକ ପାରମ୍ପରିକ ପରିବେଷଣରେ ପୁରୁଷମାନେ ପ୍ରାୟତଃ ମହିଳା ଚରିତ୍ରରେ ଅଭିନୟ କରନ୍ତି ।

## ଭକ୍ତି ଆନ୍ଦୋଳନ

ଭକ୍ତି ଆନ୍ଦୋଳନ ଖ୍ରୀଷ୍ଟାବ୍ଦ ଷଷ୍ଠ କିମ୍ବା ସପ୍ତମ ଶତାବ୍ଦୀରେ ଆରମ୍ଭ ହୋଇଥିବା ଆଞ୍ଚଳିକ ଶାସ୍ତ୍ରୀୟ ନୃତ୍ୟର ବିକାଶକୁ ପ୍ରଭାବିତ କରିଥିଲା ଯାହା ଆମର ବର୍ତ୍ତମାନର ଶାସ୍ତ୍ରୀୟ ନୃତ୍ୟର ମୂଳକୁ ବିସ୍ତାର କରିଥିଲା ।

ଭକ୍ତି ଯୁଗରେ, ନୃତ୍ୟଶିଳ୍ପୀମାନେ ମନ୍ଦିରେ ପୂଜା ରୀତିନୀତିର ଅଂଶ ପାଲଟିଗଲେ । ଓଡ଼ିଶାର ଦେବଦାସୀ ଓ ମାହାରୀ ଏବଂ ଦକ୍ଷିଣ ଭାରତର ଦେବଦିଚିସ୍ ସିଧାସଳଖ ମନ୍ଦିର ଭିତରେ ଦେବତାଙ୍କ ସେବା କରୁଥିଲେ।



ଗୋଟିପୁଆ ନୃତ୍ୟ

୬୪ଟି ରୀତିନୀତିରେ ଆନୁଷ୍ଠାନିକ ନୃତ୍ୟ ମାଧ୍ୟମରେ ଆସାମର ସତ୍ତାର ଏବଂ ଦକ୍ଷିଣରେ ଭାଗବତର ପରିବେଷଣ ସମ୍ପନ୍ନ ହୋଇଥାଏ । ଉତ୍ତରର କଥାକାରମାନେ ଲୋକମାନଙ୍କ ନୈତିକ ମୂଲ୍ୟବୋଧ ବଢ଼ାଇବା ପାଇଁ ଭଗବାନ ଶିବଙ୍କ ତାଣ୍ଡବ ଗାଇଥିଲେ ଏବଂ କାହାଣୀଗୁଡ଼ିକୁ ପରିବେଷଣ କରୁଥିଲେ ।

ଭକ୍ତି ଆନ୍ଦୋଳନର ଉଦ୍ଦେଶ୍ୟ ବୁଝିବା ପାଇଁ ସାଧାରଣ ଲୋକଙ୍କ ପାଇଁ ସହଜ ଥିଲା ।

ଗୋଟିପୁଅ ନୃତ୍ୟ ଶିଖୁଥିବା ଛାତ୍ରଛାତ୍ରୀ



© NCERT not to be republished



ଅର୍ଦ୍ଧନାରୀଶ୍ୱର

## ଉଦାହରଣ

### ଗୋଟିପୁଅ ନୃତ୍ୟ

ଗୋଟିପୁଅ ନୃତ୍ୟର ଏକ ଭିଡିଓ (ୟୁଟ୍ୟୁବ୍ ରୁ) ଦେଖ । ଯାହାର ଉତ୍ପତ୍ତି ସ୍ଥାନ ଓଡ଼ିଶା ।

ମାହାରି ନୃତ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପ୍ରଶଂସାରେ ମନ୍ଦିର ଭିତରେ ପରିବେଷଣ କରାଯାଉଥିବା ବେଳେ ଏବଂ ଗୋଟିପୁଅ ନୃତ୍ୟ ଯୁବ ବାଳକମାନଙ୍କ ଦ୍ୱାରା ଜନସାଧାରଣଙ୍କ ପାଇଁ ପରିବେଷିତ ହୁଏ ।

ଏଠାରେ ଛୋଟ ପିଲାମାନେ ଝିଅ ଭଳି ପୋଷାକ ପିନ୍ଧି ଆକ୍ରୋବେଟିକ୍ ମୁଭମେଣ୍ଟ ସହ ନୃତ୍ୟ ପରିବେଷଣ କରିଥାନ୍ତି ।

### ଅର୍ଦ୍ଧନାରୀଶ୍ୱର ନୃତ୍ୟ

ଚିତ୍ରରେ, ତୁମେ ପ୍ରଭୁ ଶିବ ଏବଂ ଦେବୀ ପାର୍ବତୀଙ୍କୁ ନୃତ୍ୟର ସାଜସଜ୍ଜା ମାଧ୍ୟରେ ଗୋଟିଏ ଚେହେରାରେ ଦେଖିପାରୁଥିବ ।

## କାର୍ଯ୍ୟକଳାପ ୧: ଅନନ୍ୟ ଲୋକ ନୃତ୍ୟର ଭିଡିଓମାନ ଦେଖିବା

ବିଭିନ୍ନ ଲୋକନୃତ୍ୟର ଭିଡ଼ିଏ ଦେଖ ଯାହାକୁ କି ଅନନ୍ୟ ମୁଦ୍ରା, ଇଙ୍ଗିତ, ଚାଲିବା ଶୈଳୀ, ନୃତ୍ୟ କୌଶଳ, ପୋଷାକ ଏବଂ ସଙ୍ଗୀତ ସହିତ ପରିବେଷଣ କରାଯାଏ ।



ମହାରାଷ୍ଟ୍ରରର ଲାବଣି ନୃତ୍ୟ (ମୁଖ୍ୟତଃ ମହିଳା ରୂପ)



ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ
ମୂଳତଃ କେବଳ ପୁରୁଷମାନଙ୍କ ଦ୍ୱାରା ପରିବେଷଣ କରାଯାଏ

© NCERT not to be republished

କର୍ଣ୍ଣାଟକର ଯକ୍ଷଗଣ



ବର୍ତ୍ତମାନ, ତୁମେ ଉଭୟ ଲାବଣୀ ଏବଂ ଛଉର ଷ୍ଟେପ୍ ଚେଷ୍ଟା କରିପାରିବ ।

ନୃତ୍ୟଗୁଡ଼ିକ ଯେମିତି ମୋହିନିୟଉମ (ପୂର୍ବରୁ କେବଳ ମହିଳାମାନଙ୍କ ଦ୍ୱାରା ପରିବେଶଣ କରାଯାଉଥିଲା), କଥକଳି ଏବଂ ଯକ୍ଷଗଣ (ପୂର୍ବରୁ କେବଳ ପୁରୁଷମାନଙ୍କ ଦ୍ୱାରା ପରିବେଷିତ) ଆଧୁନିକ ଯୁଗରେ ଲିଙ୍ଗଗତ ପ୍ରତିବନ୍ଧକକୁ ଦୂର କରି ଏକ ବିରାଟ ପରିବର୍ତ୍ତନ ଆଣିଛି ।

ଉଲ୍ଲେଖଯୋଗ୍ୟ ଯେ ନୃତ୍ୟରେ ଏହି ଆଭିମୁଖ୍ୟ ଓ ଗତିବିଧି ଲିଙ୍ଗ ଅନୁଯାୟୀ ସୀମିତ ନୁହେଁ । ନୃତ୍ୟଶିଳ୍ପୀମାନେ ପାରମ୍ପରିକ ଲିଙ୍ଗଗତ ନିୟମକୁ ଭାଙ୍ଗି ନିଜର ଅନନ୍ୟ ଅଭିବ୍ୟକ୍ତି ସୃଷ୍ଟି କରିବା ପାଇଁ ପ୍ରାୟତଃ ବିଭିନ୍ନ ଶୈଳୀର ଉପାଦାନଗୁଡ଼ିକୁ ମିଶ୍ରଣ କରନ୍ତି ।

ବର୍ତ୍ତମାନ, ତୁମେ ଏପରି ଏକ ପର୍ଯ୍ୟାୟକୁ ଆସିଛ ଯେଉଁଠାରେ ତୁମକୁ ତୁମ ଅଞ୍ଚଳର ନୃତ୍ୟ ରୂପ ଶିଖିବାକୁ ହେବ ।

## କାର୍ଯ୍ୟକଳାପ ୨: ଲୋକ ନୃତ୍ୟ ପାଇଁ କିଛି ପଦକ୍ଷେପ ନେବା

ଆସ ଆବଶ୍ୟକୀୟ ଆଭିମୁଖ୍ୟ ସହିତ, ଜୋରଦାର କିମ୍ବା କୋମଳ ଗତିରେ ଚେଷ୍ଟା କରାଯାଇଥିବା ପଦକ୍ଷେପଗୁଡିକ ଅଭ୍ୟାସ କରିବା ।

ଲାବଣୀ ଏବଂ ଭାଙ୍ଗଡ଼ା, ଉଭୟ ନୃତ୍ୟ ରୂପକୁ ଝିଅ ଏବଂ ପୁଅମାନେ ଅଭ୍ୟାସ କରିପାରିବେ ।

ଏହି ନୃତ୍ୟରେ ବ୍ୟବହୃତ ହାତର ମୁଦ୍ରା ଏବଂ ହାତର ଇଙ୍ଗିତ ଅନୁସନ୍ଧାନ କର ।

© NCERT not to be republished

## କାର୍ଯ୍ୟକଳାପ ୩: ପ୍ରକଳ୍ପ କାର୍ଯ୍ୟ

ଯୋଗତୀ ମଞ୍ଜମ୍ମା ହେଉଛନ୍ତି ଜଣେ ପଥପ୍ରଦର୍ଶକ ବ୍ୟକ୍ତିତ୍ୱ ଯିଏ କି ଲିଙ୍ଗଗତ ପରିଚୟର ପ୍ରତିବନ୍ଧକ ଭାଙ୍ଗି କର୍ଣ୍ଣାଟକରେ ଯୋଗତୀ ନୃତ୍ୟର ବିକାଶକୁ ପ୍ରଭାବିତ କରିଛନ୍ତି । ତାଙ୍କ ବିଷୟରେ ଅଧିକ ଅନୁସନ୍ଧାନ କର ଏବଂ ତାଙ୍କ ଫଟୋ ସହିତ ଏକ ପ୍ରକଳ୍ପ ପ୍ରସ୍ତୁତ କର ।

ପ୍ରକଳ୍ପର ଢାଞ୍ଚା - ପିଲାଦିନର ପ୍ରେରଣାଦାୟକ କାହାଣୀ (ଯଦି ଅଛି), ଶିକ୍ଷଣ ଅନୁଭୂତି, ଉପଲବ୍ଧି ଏବଂ ସଂଗଠନ ।

© NCERT not to be republished



ଆୟତାକାର



ତ୍ରିକୋଣାକାର

## ନୃତ୍ୟ, ଆକୃତି ଏବଂ ତାଳ

ଗଣିତ ଓ ନୃତ୍ୟ ପରସ୍ପରର ପରିପୂରକ।

ନୃତ୍ୟ ମାଧ୍ୟମରେ ଆମେ ଜ୍ୟାମିତିକ ଆକୃତି ପ୍ରଦର୍ଶନ କରିପାରିବା । ନୃତ୍ୟରେ ଜ୍ୟାମିତିକ ମୁଦ୍ରା ଏବଂ ଗାଣିତିକ ତାଳରେ ଗତିବିଧି ଅନ୍ତର୍ଭୁକ୍ତ । କୋରିଓଗ୍ରାଫିରେ ଗଠନ ପାଇଁ ଆମେ ବିଭିନ୍ନ ଜ୍ୟାମିତିକ ଢାଞ୍ଚା ବ୍ୟବହାର କରିପାରିବା । ତାଳ ଏବଂ ସ୍ପନ୍ଦନ କେବଳ ଆରିଥମେଟିକ ଢାଞ୍ଚା ଅଟେ ।

ପରବର୍ତ୍ତୀ କାର୍ଯ୍ୟକଳାପରେ ଏହାକୁ ଚେଷ୍ଟା କର ।

## କାର୍ଯ୍ୟକଳାପ ୪: ନୃତ୍ୟ ଏବଂ ଜ୍ୟାମିତିକ ଆକୃତି

ଏକ ନୃତ୍ୟରେ କେତେ ଭିନ୍ନ ଭିନ୍ନ ଜ୍ୟାମିତିକ ଆକୃତି ପରିବେଷଣ କରାଯାଇପାରେ ?



ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ଆକୃତିର ପ୍ରଦର୍ଶନ

ତ୍ରିକୋଣ, ଚକ୍ର, ବର୍ଗ, ଆୟତାକାର ଇତ୍ୟାଦି ତୁମ ହାତ, ବାହୁ ଏବଂ ଗୋଡ଼ ବ୍ୟବହାର କରି ଗଠନ କରାଯାଇପାରେ ।

ଶ୍ରେଣୀରେ ଆଲୋଚନା କର ଏବଂ କିଛି ଜ୍ୟାମିତିକ ଗତିବିଧି ଚେଷ୍ଟା କର ।



© NCERT not to be republished



## କାର୍ଯ୍ୟକଳାପ ୫: ତାଳବଦ୍ଧ ଜ୍ୟାମିତି

ବର୍ତ୍ତମାନ, ପୂର୍ବ କାର୍ଯ୍ୟକଳାପର ସମସ୍ତ ଉପାଦାନ (ବାହୁ, ହାତ, ଗୋଡ଼) କୁ ମିଶ୍ରଣ କର ଏବଂ ତାଳର ଅନ୍ୟ ଏକ ଉପାଦାନ ଯୋଡ଼ିବା ସହିତ ବିଭିନ୍ନ ଜ୍ୟାମିତିକ ଆକୃତି ଯାଞ୍ଚ କର ।

ତାଳଗୁଡ଼ିକ ତାଳବଦ୍ଧ ଏକକର ବିଭିନ୍ନ ପରିବର୍ତ୍ତନ ଏବଂ ମିଶ୍ରଣ ଅଟେ ।

ବିଭିନ୍ନ ଜ୍ୟାମିତିକ ଢାଞ୍ଚା ସୃଷ୍ଟି କରିବା ପାଇଁ ଗୋଷ୍ଠୀ ଗଠନ କର ଏବଂ ବିଭିନ୍ନ ଗାଣିତିକ ତାଳ ମିଶ୍ରଣ କରିବାକୁ ଚେଷ୍ଟା କର ।

### ଉଦାହରଣ

୨ ବିଟ୍ + ୨ ବିଟ୍ = ୪ ବିଟ୍
୨ ବିଟ୍ + ୩ ବିଟ୍ = ୫ ବିଟ୍
୨ ବିଟ୍ + ୪ ବିଟ୍ = ୬ ବିଟ୍
୩ ବିଟ୍ + ୩ ବିଟ୍ = ୬ ବିଟ୍
୩ ବିଟ୍ + ୪ ବିଟ୍ = ୭ ବିଟ୍

ଏଭଳି ଗତିବିଧିକୁ ଅନୁଧ୍ୟାନ କରି ଶ୍ରେଣୀରେ ଆଲୋଚନା କର ଯେ ଏହା ଉକ୍ତ କାର୍ଯ୍ୟ ସହିତ କିପରି ସମ୍ପୃକ୍ତ ।

© NCERT not to be republished

